## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ମୃତ

**ବଇଣ୍ଡା, ୨୫।୬(ପରିକ୍ଷିତ ସାହୁ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବିଡିସିଙ୍ଗ ଗ୍ରାମରେ ଶନିବାର ରାତିରେ ସାପ କାମୁଡ଼ାରେ ଦେବାଶିଷ ମହାପାତ୍ର (୧୦)ଙ୍କ ମୃତ୍ୟୁ ହୋଇଛି। ଦେବାଶିଷ ଘରେ ଶୋଇଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ଲକ୍ଷ୍ମୀ ଭାଙ୍ଗିଲେ ରଥ

**ଆଠମଲ୍ଲିକ,୨୫।୬(ଉଦୀପ୍ତ ପୁରୋହିତ):** ନବଦିନାତ୍ମକ ଘୋଷଯାତ୍ରାରେ ପ୍ରଭୁ ଶ୍ରୀ ଜଗନ୍ନାଥ ଭଉଣୀ ସୁଭଦ୍ରା, ଭାଇ ବଳଭଦ୍ରଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚା ମନ୍ଦିରରେ ମାନବୀୟ ଲୀଳା କରୁଛନ୍ତି। ଶ୍ରୀମନ୍ଦିରରେ ଏକାକୀ ଥିବା ମା' ଲକ୍ଷ୍ମୀ ପବିତ୍ର ହେରାପଞ୍ଚମୀରେ ଅଭିମାନରେ ଶ୍ରୀଜୀଉଙ୍କ ରଥ ଭାଙ୍ଗିଛନ୍ତି। ଆଠମଲ୍ଲିକସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ମା' ଲକ୍ଷ୍ମୀଙ୍କୁ ଗୁଣ୍ଡିଚା ମନ୍ଦିର ନିଆଯାଇଥିଲା। ସେଠାରେ ସ୍ୱତନ୍ତ୍ର ପୂଜା ପରେ ମା' ଲକ୍ଷ୍ମୀ ରଥ ଭାଙ୍ଗିଥିଲେ। ସେବାୟତମାନେ ଏହି କାର୍ଯ୍ୟକୁ ନିଷ୍ଠାର ସହ ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ଏକ୍ସପ୍ରେସ ରହଣିକୁ ଅପେକ୍ଷା

- ଅବହେଳିତ ବଇଣ୍ଡା ରେଳ ଷ୍ଟେଶନ
- ଅଟକୁନାହିଁ ୧୪ ଦୂରଗାମୀ ଟ୍ରେନ୍
- କରୋନା ପରଠାରୁ ବଢ଼ିଛି ସମସ୍ୟା

**ବଇଣ୍ଡା, ୨୫।୬(ପରିକ୍ଷିତ ସାହୁ)**




ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବଇଣ୍ଡା ରେଳଷ୍ଟେଶନରେ ଏକ୍ସପ୍ରେସ୍ ରହଣିର ଅପେକ୍ଷା ଶେଷ ହେଉନାହିଁ। ଏହି ପଥ ଦେଇ ଯାଉଥିବା ୨୨ଟି ଟ୍ରେନ୍ ମଧ୍ୟରୁ ୧୪ଟି ଏକ୍ସପ୍ରେସ ଟ୍ରେନ୍ ଏଠାରେ ଅଟକୁନାହିଁ। ଜିଲା ଅର୍ଥନୀତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଏହି ଷ୍ଟେଶନର ବିକାଶ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ରେଳ ବିଭାଗର ହେୟଜ୍ଞାନ ମନୋଭାବ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ାଉଛି।

ବଇଣ୍ଡା ଷ୍ଟେଶନ ଦେଇ ଭୁବନେଶ୍ୱର-ବଲାଙ୍ଗୀର, ରାଉରକେଲା-ଭୁବନେଶ୍ୱର, ବିଶାଖାପାଟଣା-ଅମୃତସର, ପୁରୀ-ହାଟିଆ, ଦୁର୍ଗ-ପୁରୀ, ଭୁବନେଶ୍ୱର-ଲୋକମାନ୍ୟ ତିଲକ, ପୁରୀ-ଲୋକମାନ୍ୟ ତିଲକ, ଭୁବନେଶ୍ୱର-ଆନନ୍ଦବିହାର, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ, ବିକାନିର-ପୁରୀ, ପୁରୀ-ଯୋଧପୁର, ସମ୍ବଲପୁର -ପୁରୀ ଇଣ୍ଟରସିଟି, ପୁରୀ -ସୁରଟ ଏକ୍ସପ୍ରେସ, ପୁରୀ-ଅହମଦାବାଦ ଏକ୍ସପ୍ରେସ, ପୁରୀ-ଗାନ୍ଧୀଧାମ, ପୁରୀ-ଶିରିଡ଼ି ଏକ୍ସପ୍ରେସ, ରାଉରକେଲା-ଗୁଣୁପୁର ରାଜ୍ୟରାଣୀ, ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଆଦି ୨୨ଟି ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି। ତେବେ ସମ୍ବଲପୁର-ପୁରୀ ଇଣ୍ଟରସିଟି, ଭୁବନେଶ୍ୱର-ବଲାଙ୍ଗୀର, ରାଉରକେଲା ଇଣ୍ଟରସିଟି, ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ ଏବଂ ୨ ପାସେଞ୍ଜର ଟ୍ରେନ୍‌କୁ ବାଦ୍‌ଦେଲେ ଅନ୍ୟ ଟ୍ରେନ୍ ରହଣି କରୁନାହିଁ। କରୋନା ପୂର୍ବରୁ ଏଠାରେ ପୁରୀ-ଅହମଦାବାଦ, ପୁରୀ-ବିକାନିର, ରାଉରକେଲା-ଗୁଣୁପୁର ରାଜ୍ୟରାଣୀ, ପୁରୀ-ଦୁର୍ଗ, ବିଶାଖାପାଟଣା-ଅମୃତସର ସାମୟିକ ହଲ୍ଟ କରୁଥିଲା। ଏବେ କରୋନା ସ୍ଥିତି ସ୍ୱାଭାବିକ ହେବା ସତ୍ତ୍ୱେ ଏହି ଟ୍ରେନ୍‌ଗୁଡ଼ିକ ବଇଣ୍ଡା ଷ୍ଟେଶନରେ ରହୁନାହିଁ। ଫଳରେ ଏହା ଉପରେ ନିର୍ଭରଶୀଳ କିଶୋରନଗର, ଆଠମଲ୍ଲିକ, ଛେଣ୍ଡିପଦା ବ୍ଲକର ୫୦ ପଞ୍ଚାୟତର ଲକ୍ଷାଧିକ ଟ୍ରେନ୍ ଯାତ୍ରୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିକଳ୍ପ ସ୍ୱରୂପ ସେମାନଙ୍କୁ ୫୫ କି.ମି. ଦୂର ରେଢାଖୋଲ କିମ୍ବା ୪୫ କି.ମି. ଦୂର ଅନୁଗୋଳ ଷ୍ଟେଶନ ଉପରେ ନିର୍ଭର କରିବାକୁ ପଡୁଛି। ବଇଣ୍ଡାରେ ସମସ୍ତ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଅଞ୍ଚଳବାସୀ ୨୦୨୧ ମେ' ୧୨ ଏବଂ ୨୦୨୨ ଜୁନ୍ ୫ରେ ରେଳମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଆଠମଲ୍ଲିକ ବିଧାୟକ, ସମ୍ବଲପୁର ଏମ୍‌ପି, ରେଳ ବିଭାଗର ପୂର୍ବତଟ ଜେନେରାଲ ମ୍ୟାନେଜରଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଲକ୍ଷାଧିକ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

> **ବଇଣ୍ଡା ରେଳଷ୍ଟେଶନ। ଏହା ଉପରେ ନିର୍ଭର କରନ୍ତି ୩ ବ୍ଲକର ୫୦ ପଞ୍ଚାୟତର ଲୋକେ। ଏଥିରୁ ରେଳଯାତ୍ରା କ୍ଷେତ୍ରରେ ଏହାର ଗୁରୁତ୍ୱ କେତେ, ତାହା ବାରି ହୋଇପଡୁଛି। ହେଲେ ଅନୁଗୋଳ ଜିଲାର ଅନ୍ୟତମ ଏହି ବ୍ୟସ୍ତବହୁଳ ରେଳଷ୍ଟେଶନ ଦେଇ ଚଳାଚଳ କରୁଥିବା ୨୨ଟି ଟ୍ରେନ୍ ମଧ୍ୟରୁ ୧୪ ଏକ୍ସପ୍ରେସ୍ ଅଟକୁନାହିଁ। କରୋନା ସମୟରେ ରେଳୱେ କର୍ତ୍ତୃପକ୍ଷଙ୍କ ଅଜବ ନୀତି କାରଣରୁ ସମସ୍ୟା ଆହୁରି ଜଟିଳ ହୋଇଯାଇଛି। ହଜାର ହଜାର ରେଳଯାତ୍ରୀଙ୍କ ଏକ୍ସପ୍ରେସ୍ ରହଣି ଅପେକ୍ଷାର ଅନ୍ତ କେବେ ହେବ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।**

### ଅସାମାଜିକଙ୍କ ଦୌରାତ୍ମ୍ୟ

ବଇଣ୍ଡା ରେଳଷ୍ଟେଶନ ବିକାଶ ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ବିଭାଗୀୟ ଅବହେଳା କାରଣରୁ ଷ୍ଟେଶନ ପରିସରରେ ଲାଗିଥିବା ୨୦ଟି ଷ୍ଟ୍ରିଟ୍ ଲାଇଟରୁ ୫ଟି ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଛି। ଅନ୍ଧାର ସୁଯୋଗରେ ଅସାମାଜିକମାନେ ଦୌରାତ୍ମ୍ୟ ସୃଷ୍ଟି କରୁଛନ୍ତି। ବିଳମ୍ବିତ ରାତିରେ ଆସୁଥିବା ଯାତ୍ରୀମାନେ ଲୁଟ୍‌ର ଶିକାର ହେଉଛନ୍ତି। ସେହିପରି ଷ୍ଟେଶନ ପରିସରରେ ଥିବା ଶୌଚାଳୟରେ ଅଧିକାଂଶ ସମୟ ତାଲା ଝୁଲୁଛି। ନିୟମିତ ସଫେଇ ହେଉ ନ ଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି।

### ମାସକୁ ଲକ୍ଷେ ଟଙ୍କା ରାଜସ୍ୱ ହାନି

ବଇଣ୍ଡା ଷ୍ଟେଶନରେ ୧୪ ଏକ୍ସପ୍ରେସ୍ ଟ୍ରେନ୍ ରହଣି ନ କରିବାର ପ୍ରଭାବ ରାଜସ୍ୱ ଆଦାୟ ଉପରେ ମଧ୍ୟ ପଡୁଛି। ପୂର୍ବରୁ ଏଠାରୁ ମାସିକ ୬ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଥିବାବେଳେ ଏବେ ଏହା ୫ ଲକ୍ଷକୁ ଖସିଆସିଛି। ପୂର୍ବତଟ ରେଳ ବିଭାଗର ଦୂରଦୃଷ୍ଟି ଅଭାବରୁ ସରକାର ରାଜସ୍ୱ ହାନି ସହୁଥିବା ଅଭିଯୋଗ ହେଉଛି।

### ଆଧୁନିକୀକରଣ ହେବା ଜରୁରୀ



ବଇଣ୍ଡା ରେଳ ଷ୍ଟେଶନରୁ ଭଲ ରାଜସ୍ୱ ଆଦାୟ ହେଉଛି। ହେଲେ ଯାତ୍ରୀଙ୍କୁ ସୁବିଧା ମିଳୁନାହିଁ। ଏହାର ଆଧୁନିକୀକରଣ ଲାଗି ବିଭାଗ ପଦକ୍ଷେପ ନେବା ଜରୁରୀ।

ଅର୍ଜୁନ ସାହୁ, ସାମାଜିକ କର୍ମୀ, ବଇଣ୍ଡା

### ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ



ଅଞ୍ଚଳବାସୀ ବଇଣ୍ଡା ରେଳଷ୍ଟେଶନର ବିକାଶ ଲାଗି ବିଭିନ୍ନ ସମୟରେ ଦାବି କରି ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ, ଯାହା ପରିତାପର ବିଷୟ।

-ଗିରିଶ ଚନ୍ଦ୍ର ବେହେରା, ଗ୍ରାମବାସୀ, ବଇଣ୍ଡା

### ଯାତ୍ରୀ ସମସ୍ୟା ଭୋଗୁଛନ୍ତି



ବଇଣ୍ଡା ଷ୍ଟେଶନରେ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକ ଅଟକୁନାହିଁ। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ସମାଧାନ ଲାଗି ପଦକ୍ଷେପ ନିଆଯାଉ।

ରମେଶ ଚନ୍ଦ୍ର ଟିବ୍ରୁୱାଲା, ଗ୍ରାମବାସୀ, ବଇଣ୍ଡା

### କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ



ଅନେକ ଦୂରଗାମୀ ଏକ୍ସପ୍ରେସ୍ ଟ୍ରେନ୍ ବଇଣ୍ଡାରେ ଅଟକୁନାହିଁ। ଉପଖଣ୍ଡ ଅଞ୍ଚଳରୁ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ସମସ୍ୟା ଭୋଗୁଛନ୍ତି। ଏ ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ।

ସୁନୀଲ କୁମାର ସାହୁ, ଗ୍ରାମବାସୀ, ଠାକୁରଗଡ଼

# ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ

**ବଅଁରପାଳ, ୨୫।୬ (ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋନଗରରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମାରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରବିବାର ଅନାବରଣ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଲୋକାର୍ପଣ କରିଥିଲେ। ବ୍ରୋଞ୍ଜ ନିର୍ମିତ ଏହି ପ୍ରତିମୂର୍ତ୍ତି ସମସ୍ତଙ୍କୁ ଆମ୍ବେଦକରଙ୍କ ଆଦର୍ଶରେ ଦୀର୍ଘଦିନ ଧରି ପ୍ରଥ ପ୍ରଦର୍ଶନ କରିବ ବୋଲି ସେ କହିଥିଲେ। ଏହି ଅବସରରେ ଧର୍ମେନ୍ଦ୍ର କହିଲେ, ୧୯୫୦ରେ ଯେଉଁ ସମ୍ବିଧାନ ପ୍ରଣୟନ ହୋଇଥିଲା ; ୧୯୭୫ରେ ତତ୍କାଳୀନ କଂଗ୍ରେସ ସରକାର ତାହା ଉପରେ ଅଙ୍କୁଶ ଲଗାଇଥିଲେ। ନାଗରିକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରିବାକୁ ଅପଚେଷ୍ଟା କରାଯାଇଥିଲା। ଲୋକତନ୍ତ୍ରରେ ଜନଗଣଙ୍କ ନିଷ୍ପତ୍ତି, ସାମ୍ବିଧାନିକ ବ୍ୟବସ୍ଥାଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ୍ବେଦକରଙ୍କୁ ଯଥୋଚିତ ସମ୍ମାନ ଦେଇଛନ୍ତି। ମୋଦିଙ୍କର ଶାସନ ପ୍ରଣାଳୀରେ 'ସବ୍‌କା ସାଥ୍, ସାବ୍‌କା ବିକାଶ' ମୂଳମନ୍ତ୍ର ହୋଇଛି। ୨୬ ନଭେମ୍ବରକୁ 'ସମ୍ବିଧାନ ଦିବସ' ଭାବେ ଘୋଷଣା କରାଯାଇଛି। ବାବାସାହେବଙ୍କ ଜନ୍ମଦିନ ଏପ୍ରିଲ ୧୪କୁ ସରକାରୀ ଛୁଟି ଘୋଷଣା କରାଯାଇଛି, ଯାହା ଏହି ମହାନ୍ ନେତାଙ୍କ ପ୍ରତି ଆମ ଦେଶର ଶ୍ରଦ୍ଧା ଓ ସମ୍ମାନର ଏକ ସ୍ୱଷ୍ଟ ପ୍ରତିଫଳନ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ନାଲ୍‌କୋ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ଭୀମସେନ ପ୍ରଧାନ, ନାଲ୍‌କୋ ଅଫିସର୍ସ ସଂଘର ସଭାପତି ବନମାଳୀ ସେଠୀ, ଅନୁସୂଚିତ ଜାତି-ଜନଜାତି ସଂଘ ସଭାପତି କେଦାର ଦେହୁରୀ, ସମ୍ପାଦକ ବନବିହାରୀ ନାୟକ, ଅର୍ଜୁନ କିସ୍କୋ ପ୍ରମୁଖ ମଞ୍ଚାସୀନ ଥିଲେ। ମାନବ ସମ୍ବଳ ଉପମହାପ୍ରବନ୍ଧକ ରାଜାରାମ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଡିଜିଏମ୍ ଶୁଭେନ୍ଦୁ ନାୟକ, ଉପମହାପ୍ରବନ୍ଧକ ସୁଗେତା ବାସୁ, ପିଆରଓ ସମୀର ମାଝି, ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, କାଳିନ୍ଦୀ ସାମଲ, ପ୍ରତାପ ପ୍ରଧାନ, ପର୍ଶୁରାମ ବାରିକ, ପ୍ୟାରୀମୋହନ ନାୟକ, ଯଯାତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ଛୋଟବଡ଼ ସମସ୍ୟା ସମାଧାନ ହିଁ ପ୍ରଗତି'

**ଅନୁଗୋଳ, ୨୫।୬(ଅମିତ ସାମଲ)**




କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସମେତ ଉପସ୍ଥିତ ଅନ୍ୟ ଅତିଥିବୃନ୍ଦ।

### ଜିଲାସ୍ତରୀୟ ଯୁବ ମହୋତ୍ସବ-୨୦୨୩

ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ଯୁବ ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ଶାଖା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏମ୍‌ପି ମହେଶ ସାହୁ କହିଲେ, ଆମ ଆଖପାଖର ଛୋଟ ବଡ଼ ସମସ୍ୟାର ସମାଧାନ ହିଁ ପ୍ରଗତି। ଯୁବ ସମାଜ ଜାଗ୍ରତ ପ୍ରହରୀ ସାଜି ଏଥିରେ ଅଂଶୀଦାର ହୁଅନ୍ତୁ। ଫଳରେ ଭାରତ ବିକାଶଶୀଳରୁ ବିକଶିତ ଦେଶରେ ରୂପାନ୍ତରିତ ହୋଇପାରିବ।

ମୁଖ୍ୟ ଅତିଥି ଭାବେ ବସୁଧା (ଗ୍ରାମୀଣ)ର ଅଧ୍ୟକ୍ଷ ଦୀନେଶ ପ୍ରଧାନ, ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ରାଉତ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ସାମାଜିକ କର୍ମୀ ଅନିଲ ମିଶ୍ର, ଲିପିକା ବେହେରା, ବିଭୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ବିଭିନ୍ନ କ୍ଲବ, ଶିକ୍ଷାନୁଷ୍ଠାନର ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବକ୍ତୃତା, ଚିତ୍ରାଙ୍କନ, କବିତା ଆବୃତ୍ତି ଫଟୋଗ୍ରାଫି, ନୃତ୍ୟ, ଗୀତ ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା।

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ପନ୍ଦନ' ପକ୍ଷରୁ ବର୍ଷାଜଳ ସଂରକ୍ଷଣ, 'ଡୋଭ୍' ପକ୍ଷରୁ ହସ୍ତତନ୍ତ ସାମଗ୍ରୀ, ମିଶନ ଶକ୍ତି ପକ୍ଷରୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ, 'ସାଥୀ' ପରିବାର ପକ୍ଷରୁ ସର୍ପ ସୁରକ୍ଷା କୌଶଳ ପ୍ରଦର୍ଶିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ପ୍ରଦୀପ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାପସ ସାହୁ, ସୁନାଲି ଶବର, ସୁଜିତ ସାହୁ, ଶୁଭ୍ରାଂଶୁ ଶେଖର ସାହୁ, ବିଷ୍ଣୁ ସାହୁ, ଗାନ୍ଧୀ ସାହୁ, ସୁବ୍ରତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତପନ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସରାଏ ବର୍ଷାରେ ପଦାରେ ପଡ଼ିଲା ଅନିୟମିତତା

**କାମାକ୍ଷାନଗର, ୨୫।୬(ସୁଧୀର ପରିଡ଼ା)**

- ଭୁଶୁଡ଼ିଲା ଆଦର୍ଶ ପୋଖରୀ ସୁରକ୍ଷା ପାଚେରି
- ୫-ଟି ରୂପାନ୍ତରିତ ବିଦ୍ୟାଳୟରେ ଆଣ୍ଠୁଏ ପାଣି

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଛି। ବିଭାଗୀୟ ଅଧିକାରୀମାନେ ବିଭିନ୍ନ କାଇଦା କରି ଠିକାଦାରଙ୍କୁ ଘଣ୍ଟ ଘୋଡ଼ାଇ ଦେଉଥିବା ନଜିର ରହିଛି। ତେବେ ରବିବାର ହୋଇଥିବା ମୌସୁମୀ ବର୍ଷାରେ ପଦାରେ ପଡ଼ିଛି ଅନିୟମିତତା। ବ୍ଲକର ତୁମୁସିଙ୍ଗା ପଞ୍ଚାୟତରେ ନିର୍ମିତ ଆଦର୍ଶ ପୋଖରୀ ସୁରକ୍ଷା ପାଚେରି ଭୁଶୁଡ଼ି ପଡ଼ିଛି। ସେହିପରି ୫-ଟି ଅଧୀନ ରୂପାନ୍ତରିତ ପଞ୍ଚସଖା ବିଦ୍ୟାଳୟ ଫାଟକ, ଶ୍ରେଣୀଗୃହ ନିକଟରେ ଆଣ୍ଠୁଏ ଉଚ୍ଚତାର ପାଣି ଜମିଛି। ଉଭୟ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ କହିଛନ୍ତି।



ପୋଖରୀ ସୁରକ୍ଷା ପାଚେରି ଭାଙ୍ଗିଯାଇଛି।

ତୁମୁସିଙ୍ଗା ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପ୍ରାୟ ୨୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଦର୍ଶ ପୋଖରୀ ଖୋଳଯାଉଛି। ତେବେ ରବିବାର ହୋଇଥିବା ବର୍ଷାରେ ଏହାର ସୁରକ୍ଷା ପାଚେରି ଭାଙ୍ଗିଯାଇଛି। ପୋଖରୀ ଖନନ ସମୟରେ ଶ୍ରମିକ ବଦଳରେ ମେଶିନ ବ୍ୟବହାର ହୋଇଥିବା ଅଭିଯୋଗ ଉଠିଥିଲା। ହେଲେ ଏହାର ତଦନ୍ତ ସେତେବେଳେ ହୋଇ ନ ଥିଲା। ତେଣୁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀ କହିଛନ୍ତି। ଅନୁରୂପ ଭାବେ ପଞ୍ଚାୟତର ପଞ୍ଚସଖା ହାଇସ୍କୁଲକୁ ୫-ଟି ଅଧୀନରେ ରୂପାନ୍ତରଣ କରାଯାଇଥିଲା। ଏଥିରେ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ବର୍ଷାରେ ବିଦ୍ୟାଳୟ ଫାଟକ, ଶ୍ରେଣୀଗୃହ ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ସ୍କୁଲ ଭିତ୍ତିଭୂମି ବିକାଶରେ ଦୂରଦୃଷ୍ଟି ଅଭାବ ରହିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଲଗାଣବର୍ଷା ହେଲେ ସ୍ଥିତି ଆହୁରି ସଙ୍ଗିନ ହୋଇଯିବ ବୋଲି ଅଭିଭାବକ ଏବଂ ଛାତ୍ରୀଛାତ୍ର କହିଛନ୍ତି।

ଏ ସମ୍ପର୍କରେ କାମାକ୍ଷାନଗର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରାଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ସେ ଅଭିଯୋଗକୁ ହାଲୁକା ଭାବେ ନେଇଥିଲେ। ଏଥିସହ ସହକାରୀ ଯନ୍ତ୍ରୀଙ୍କୁ ଘଟଣାର ତଦନ୍ତ ପାଇଁ କହିବେ ବୋଲି କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ।



ଅନୁଗୋଳ ଆଡ଼ପମଣ୍ଡପରେ ଶ୍ରୀଜୀଉଙ୍କ ବରାହ ବେଶ।



ନାଲ୍‌କୋସ୍ଥିତ ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ ବାମନ ବେଶ।



ଢେଙ୍କାନାଳ ଟାଉନ୍‌ପ୍ଲାନିଂ ଅଞ୍ଚଳର ରାସ୍ତା ବର୍ଷାପାଣିରେ ବୁଡ଼ିଯାଇଛି।


ପାଣି ଘେରରେ ସମଗ୍ର ଅଞ୍ଚଳ ରହିଥିବାବେଳେ ଏକ ନଳକୂପ ଅଧା ବୁଡ଼ିଯାଇଛି।

**ଟାଉନ୍ ପ୍ଲାନିଂ ଅଞ୍ଚଳ ଜଳବନ୍ଦୀ**

# ଆରମ୍ଭରୁ ଏମିତି...

ଢେଙ୍କାନାଳ, ୨୫।୬(ରତନ ନାୟାର)

ସାରା ରାଜ୍ୟକୁ ଛୁଇଁଛି ମୌସୁମୀ। ଦୁଇଦିନ ହେଲା ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ଲଗାଣ ବର୍ଷା। ତେବେ ରବିବାର ଅବିଶ୍ରାନ୍ତ ବର୍ଷା ଢେଙ୍କାନାଳ ସହରତଳି ଅଞ୍ଚଳବାସୀଙ୍କ ଦୁଃଖ ବଢ଼ାଇଦେଇଛି। ଟାଉନ ପ୍ଲାନିଂ ଅଞ୍ଚଳରେ ପାଣି ପଶି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ଅଞ୍ଚଳ ଜଳବନ୍ଦୀ ଅବସ୍ଥାରେ ରହିଛି। ବର୍ଷା ଆରମ୍ଭରୁ ସମ୍ପୃକ୍ତ ଅଞ୍ଚଳବାସୀ ଏଭଳି ଯନ୍ତ୍ରଣା ଭୋଗୁଥିବାବେଳେ ଆଗକୁ ସ୍ଥିତି ଆହୁରି ଜଟିଳ ହେବ ବୋଲି ଅଭିଯୋଗ ହୋଇଛି।

ବର୍ଷା ଆସିଲେ ଢେଙ୍କାନାଳ ଟାଉନ୍ ପ୍ଲାନିଂ ଅଞ୍ଚଳବାସୀଙ୍କ ଦୁଃଖ ବଢ଼ିଯାଏ। ଅବ୍ୟବସ୍ଥିତ ଡ୍ରେନେଜ୍ ସମସ୍ୟା ପାଇଁ ବର୍ଷ ବର୍ଷ ଧରି ଲୋକେ ଏଭଳି ସମସ୍ୟା ଭୋଗି ଆସୁଛନ୍ତି। ତେବେ ରବିବାର ଦିନତମାମ ହୋଇଥିବା ବର୍ଷାରେ ଜନଜୀବନ ପ୍ରଭାବିତ ହୋଇଛି। ସମଗ୍ର ଅଞ୍ଚଳ ପାଣିଘେରରେ ରହିଛି। ଲୋକମାନେ ବାହାରକୁ ବାହାରି ପାରୁନାହାନ୍ତି। ଅନେକ ଘରେ ପାଣି ପଶିଛି। ରାସ୍ତାରେ ଆଣ୍ଠୁଏ ଉଚ୍ଚତାର ବର୍ଷାଜଳ ପ୍ରବାହିତ ହେବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ବର୍ଷାଦିନ ପୂର୍ବରୁ ଡ୍ରେନେଜ୍ ସମସ୍ୟା ସୁଧାରିବାକୁ ଅଞ୍ଚଳବାସୀ ପୌର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ ଏହାକୁ କେହି ଗୁରୁତ୍ୱର ସହ ନେଲେନାହିଁ। ତେଣୁ ଏଭଳି ସମସ୍ୟା ଉପୁଜିଥିବା ଟାଉନ ପ୍ଲାନିଂବାସୀ ଅଭିଯୋଗ କରିଛନ୍ତି।


ଏକ ଘରେ ପାଣି ପଶିଯାଇଛି।

ଗାୟତ୍ରୀ ନଗରରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଛି। ଏଠାରେ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଜଳ ନିଷ୍କାସନ ଲାଗି ପୌରସଂସ୍ଥା ପକ୍ଷରୁ ଦିନତମାମ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା, ଯାହାକୁ ନେଇ ଅସନ୍ତୋଷ ତେଜିଥିଲା। ଅପରାହ୍ଣରେ ପୌର ଅଧିକାରୀ ପହଞ୍ଚି ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେଇଥିଲେ।

ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଯନ୍ତ୍ରୀ ରଶ୍ମିତା ମିଶ୍ର କୁହନ୍ତି, ଅପରାହ୍ଣରେ ଯାଇ ଜଳ ନିଷ୍କାସନ କରାଯାଇଛି। ଡ୍ରେନେଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି। ଏହା ପରେ ସମସ୍ୟାର ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ନିଆଯିବ।


ବତାସିଂହ ନାଳ ଉପରେ ନିର୍ମିତ ଆପ୍ରୋଚ ରୋଡ୍ ଧୋଇଯାଇଛି।

# ଧୋଇଗଲା ଆପ୍ରୋଚ୍ ରୋଡ୍

**୧୦ ପଞ୍ଚାୟତକୁ ଯାତାୟାତ ପ୍ରଭାବିତ**

ପରଜଙ୍ଗ, ୨୫।୬ (ନିଗମାନନ୍ଦ ଦଳବେହେରା)

ପ୍ରବଳ ବର୍ଷାରେ ପରଜଙ୍ଗ ବ୍ଲକ ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବତାସିଂହ ନାଳ ଉପର ନିର୍ମିତ ଆପ୍ରୋଚ୍ ରୋଡ୍ ଧୋଇଯାଇଛି। ଫଳରେ ପଣ୍ଡୁଆ-ଭାଲୁମୁଣ୍ଡାକୁ ଯାତାୟାତ ଠପ୍ ହୋଇଯାଇଛି। କାମାକ୍ଷାନଗର, ପରଜଙ୍ଗ ବ୍ଲକର ୧୦ ପଞ୍ଚାୟତର ଲୋକେ ଏହାଦ୍ୱାରା ଊଣାଅଧିକେ ପ୍ରଭାବିତ ହୋଇଛନ୍ତି। ପଣ୍ଡୁଆ-ଭାଲୁମୁଣ୍ଡା ଭାୟା ସାଆନ୍ଦାକୁ ସଂଲଗ୍ନ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି।

ସୂଚନାଯୋଗ୍ୟ, ବତାସିଂହ ଗ୍ରାମ ନିକଟ ଯୋର ଉପରେ ନିର୍ମାଣାଧୀନ ବ୍ରିଜ୍ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଛି। ଯାତାୟାତର ବିକଳ୍ପ ଭାବେ ଉକ୍ତ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇଥିଲା। ରବିବାର ଦିନସାରା ବର୍ଷା ଯୋଗୁ ପ୍ରାୟ ୫ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହୋଇଥିଲା। ଏଥିରେ ଆପ୍ରୋଚ୍ ରୋଡ୍ ଧୋଇଯାଇଛି। ୧୦ ପଞ୍ଚାୟତବାସୀଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ ସାଜିଥିବା ଉକ୍ତ ଅସ୍ଥାୟୀ ରାସ୍ତା ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ଯୋଗାଯୋଗ ସମ୍ଭବପର ହୋଇପାରୁ ନ ଥିବାରୁ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ତଳି ଅଞ୍ଚଳ ଜଳାର୍ଣ୍ଣବ

**ପାଣି ଘେରରେ ଦଳିତସାହି**

ଅନୁଗୋଳ/ତାଳଚେର, ୨୫।୬
(ଅମିତ ସାମଲ/ମନୋଜ ନନ୍ଦ)

ଉଚ୍ଛୁଳିଲା ଡ୍ରେନ୍। ରାସ୍ତାରେ ଚାଲିଲା ଆଣ୍ଠୁଏ ଉଚ୍ଚତାର ପାଣି। କେବଳ ସହରତଳି ଅଞ୍ଚଳ ନୁହେଁ, କେଇ ଘଣ୍ଟାରେ ଜଳାର୍ଣ୍ଣବ ହୋଇଗଲା ବ୍ୟସ୍ତବହୁଳ ସଡ଼କ। ଲଘୁଚାପଜନିତ ଲଗାଣବର୍ଷାରେ ରବିବାର ଅନୁଗୋଳ ସହରରେ ଦେଖିବାକୁ ମିଳିଥିଲା ଏଭଳି ଦୃଶ୍ୟ। ଡ୍ରେନେଜ୍ ଅବ୍ୟବସ୍ଥା, ନର୍ଦ୍ଦମାରେ ଜମି ରହିଥିବା କୁଢ଼ କୁଢ଼ ଆବର୍ଜନା ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

ଅନୁଗୋଳରେ ଶନିବାର ରାତିରୁ ଆରମ୍ଭ ହୋଇଯାଇଥିଲା ମୁଷଳଧାରାରେ ବର୍ଷା। ଦିନ ବଢ଼ିବା ସହିତ ଏହାର ପରିମାଣ ମଧ୍ୟ ବୃଦ୍ଧି ପାଇଥିଲା। ଫଳରେ ବ୍ରାହ୍ମଣଦେଇପଡ଼ା, ହେମସୁରପଡ଼ା, ଅମଲାପଡ଼ା, ରାଧାରମଣପଡ଼ା ସମେତ ତଳି ଅଞ୍ଚଳରେ ପାଣି ପଶିଯାଇଥିଲା। ସହରର ବ୍ୟସ୍ତବହୁଳ ସଡ଼କ କୁହାଯାଉଥିବା ବଜାର ଛକଠାରୁ-ଗାନ୍ଧୀ ମାର୍ଗ ଯାଏ ୩ ଫୁଟର ପାଣି ଚାଲିଥିଲା। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଶଙ୍କର ସିନେମା ରୋଡ୍‌ରେ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ହେମସୁରପଡ଼ାରେ ସ୍ଥିତି ଏମିତି ହୋଇଥିଲା ଯେ, ବର୍ଷା ପାଣି ନିଷ୍କାସନ ହେବାକୁ ବାଟ ପାଇ ନ ଥିଲା। ପୌର କର୍ତ୍ତୃପକ୍ଷ ଜେସିବି ସହାୟତାରେ ରାସ୍ତା ଖୋଳିବା ପରେ ପାଣି ନିଷ୍କାସନ ହୋଇଥିଲା। ମୌସୁମୀ ଋତୁର ପ୍ରଥମ ବଡ଼ ବର୍ଷାରେ ସହରର ଏଭଳି ସ୍ଥିତି ପୌର ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି। ତେଣୁ ତୁରନ୍ତ ପାଣି ଜମୁଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଅନୁରୂପ ଭାବେ ତାଳଚେର ବ୍ଲକ ୨୦ନଂ. ଜିଲା ପରିଷଦ ଜୋନ୍ ମୁଣ୍ଡାବଜାର ଅନ୍ତର୍ଗତ ଦଳିତ ସାହିରେ ବର୍ଷା ପାଣି ଲୋକଙ୍କ ଘରେ ପଶିଛି। ଫଳରେ ସାହିବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବନିୟା ସାହୁ, ବଳରାମ ନାଏକ, ଲକ୍ଷ୍ମୀ ମୁଖୀ, ଡଲି ଦାସ, ବାବୁଲି ନାଏକ, ମଙ୍ଗୁଲୁ ନାଏକ, ଲକ୍ଷ୍ମୀଧର ଜେନା, କମଳକାନ୍ତ ଜେନା, ଦୀପ୍ତିପ୍ରଭା ଜେନା, ରଞ୍ଜୁଲତା ନାଏକ, ସୀତା ନାଏକ, ଜଗବନ୍ଧୁ ଦାସ, ପବିତ୍ର ନାଏକ, ଲକି ନାଏକ, ଚିନ୍ମୟ ଜେନା, ଦାଶରଥୀ ନାଏକ, ବାରିଆ ନାଏକ, ଲିଙ୍ଗା ନାଏକଙ୍କ ଘରର ଆସବାବପତ୍ର ନଷ୍ଟ ହୋଇଯାଇଛି। ତଳିଆ ଅଞ୍ଚଳ ହୋଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜିଲା ପରିଷଦ ସଦସ୍ୟା ରୀତାରାଣୀ ଦାସ କହିଛନ୍ତି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।


ଭାସିଯାଇଥିବା ଟିକିରା ନଦୀରେ ନିର୍ମିତ ଅସ୍ଥାୟୀ କାଠପୋଲ।


କରଡ଼େଇ ଗ୍ରାମ ଛକରେ ଧରାଶାୟୀ ଅଶ୍ୱତ୍ଥ ବୃକ୍ଷ।

# ଭାସିଗଲା କାଠପୋଲ, ଦ୍ରୁମ ଧରାଶାୟୀ

କଣିହାଁ, ୨୫।୬(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଟୋଲକବେଡ଼ା ଗ୍ରାମ ଟିକିରା ନଦୀରେ ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ଅସ୍ଥାୟୀ କାଠପୋଲର ଅର୍ଦ୍ଧାଧିକ ଅଂଶ ରବିବାର ଭାସିଯାଇଛି। ଲଘୁଚାପଜନିତ ଲଗାଣ ବର୍ଷାରେ ହଠାତ୍ ନଦୀ ଫୁଲି ଉଠିବାରୁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ କହିଛନ୍ତି।

ଟୋଲକବେଡ଼ା ଗ୍ରାମ ଟିକିରା ନଦୀ କୂଳରେ ଐତିହାସିକ ଗୁମ୍ଫା ସହ ନବନିର୍ମିତ ବିଷ୍ଣୁ ମନ୍ଦିର ରହିଛି। ପ୍ରତିବର୍ଷ ଏଠାରେ ଆଡ଼ମ୍ବର ସହକାରେ ମକର ସଂକ୍ରାନ୍ତି ପାଳିତ ହୋଇଥାଏ। ଏହି ସମୟରେ ସମଲ ବ୍ୟାରେଜ ଆନିକଟରେ ବ୍ରାହ୍ମଣୀ ନଦୀର ପଛୁଆ ପାଣି ରହୁଥିବାରୁ ଡିସେମ୍ବରରେ ଗ୍ରାମବାସୀ ଅସ୍ଥାୟୀ କାଠପୋଲ ନିର୍ମାଣ କରିଥାଆନ୍ତି। ଏହି ପୋଲ ଦେଇ ଶ୍ରଦ୍ଧାଳୁମାନେ ଗୁମ୍ଫା ଓ ମନ୍ଦିରକୁ ସହଜରେ ଯାଇଥାଆନ୍ତି। ଏବେ ପୋଲ କ୍ଷତିଗ୍ରସ୍ତ ହୋଇଥିବାରୁ ଏପାଖରୁ ସେପାଖକୁ ଯିବା ଅସମ୍ଭବ ହୋଇପଡ଼ିଛି। ଅନ୍ୟପଟେ ନଈପାଣିରେ କାଠ ସବୁ ଭାସି ଯାଇଥିବାବେଳେ ଏହାକୁ ମରାମତି କରିବା ଦୁରୂହ ବ୍ୟାପାର ହୋଇଛି। ତେଣୁ ସରକାର ଏଠାରେ ଏକ ଝୁଲାପୋଲ ତିଆରି କଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଲକ୍ଷ୍ମୀନାରାୟଣ ୟୁଥ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

ଅପରପକ୍ଷେ ଏନ୍‌ଟିପିସି ପ୍ରକଳ୍ପ ନିକଟ ଗଦାଶିଳା ପଞ୍ଚାୟତ କରଡ଼େଇ ଗ୍ରାମ ଛକରେ ଥିବା ଏକ ପୁରାତନ ଅଶ୍ୱତ୍ଥ ବୃକ୍ଷ ଲଗାଣ ବର୍ଷାରେ ପୂର୍ବାହ୍ଣ ୯ଟାରେ ଧରାଶାୟୀ ହୋଇପଡ଼ିଛି। ଗଛ ଉପୁଡ଼ି କୈଳାସ ଚନ୍ଦ୍ର ସାହୁଙ୍କ ଘର ପାଚେରି, ଷ୍ଟୋର ରୁମ୍ ଉପରେ ପଡ଼ିଥିଲା। ଏଥିସହ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ମଧ୍ୟାହ୍ନରେ ଅଗ୍ନିଶମ ଅଧିକାରୀ ଭ୍ରମରବର ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀମାନେ ଡାଳ କାଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



ଅନୁଗୋଳ ସହର ଶଙ୍କର ସିନେମା ରୋଡ୍‌ରେ ବର୍ଷାପାଣିର ସୁଅ।


ହେମସୁରପଡ଼ାରେ ବର୍ଷାଜଳ ନିଷ୍କାସନ ପାଇଁ ଜେସିବି ସହାୟତାରେ ରାସ୍ତା ଖୋଳାଯାଉଛି।


ଜଳବନ୍ଦୀ ଅବସ୍ଥାରେ ତାଳଚେର ବ୍ଲକ ମୁଣ୍ଡାବଜାର ଅନ୍ତର୍ଗତ ଦଳିତ ସାହି ବାସିନ୍ଦା

## ସଂକ୍ଷେପରେ

### ଚାଷ ଜମିରୁ ମାଟି ଉଠାଇବା ଦାବି

**ଆଠମଲ୍ଲିକ,୨୫।୬(ଉଦୀପ୍ତ ପୁରୋହିତ)-** ଆଠମଲ୍ଲିକ ଏନ୍ଏସି ଅନ୍ତର୍ଗତ ହରିଡ଼ାନାଳୀ ଓ ପଡ଼ିଆ ହିଣ୍ଡଳର ଚାଷୀଙ୍କ ଜମିରେ ଠିକାଦାର ମାଟି ଗଦା କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ମାନଜୋର ଜଳସେଚନ ପ୍ରକଳ୍ପରେ ଜମିକୁ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଭୂତଳ ପାଇପ ବିଛାଯାଉଛି। ଏଥିଲାଗି ଚାଷୀଙ୍କ ଜମିରେ ମାଟି ପକାଯାଇଛି। ଫଳରେ ଜମି ଚାଷ ଉପଯୋଗୀ ହୋଇ ରହୁନାହିଁ। ଚାଷ ସମୟ ଆସିଯାଇଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଚାଷ ଜମିରୁ ମାଟି ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ସେମାନେ ଏକ ଦାବିପତ୍ର ସ୍ଥାନୀୟ ଉପଜିଲାପାଳ ତରଣୀ ସୁନା ଦେଇଛନ୍ତି। ତୁରନ୍ତ ମାଟି ଉଠାଇ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ମାନଜୋର ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ



ବୈଠକରେ ଉପସ୍ଥିତ ପାଚିକା ସହାୟିକା ସଂଘର ସଦସ୍ୟାମାନେ।

### ପାଚିକା ସହାୟିକା ସଂଘର ବୈଠକ

**ଢେଙ୍କାନାଳ, ୨୫।୬ (ରତନ ନାୟାର)**

ଢେଙ୍କାନାଳ ଜାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ରବିବାର ନିଖିଳ ଓଡିଶା ଏମ୍ଡିଏମ୍ ପାଚିକା ସହାୟିକା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ରବି ରଥ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ବାହାନଗା ଠାରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗତ ମାର୍ଚ୍ଚ ୧୩ରେ ବିଧାନସଭା ସମ୍ମୁଖରେ ହୋଇଯାଇଥିବା ଆନ୍ଦୋଳନର ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ପାଚିକାମାନଙ୍କ ମଜୁରି ବୃଦ୍ଧି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚଳିତ ମାସ ୧୩ ତାରିଖରେ ଲୋକସେବା ଭବନରେ ପାଚିକା ସହାୟିକାମାନଙ୍କୁ ଡକାଇ ଶାଢି ପାଇଁ ୫୦୦ ଟଙ୍କା ଦେଇ ଭତ୍ତା ବୃଦ୍ଧି କଲୁ ବୋଲି ପ୍ରଚାର କରୁଥିବାରୁ ବୈଠକରେ ସଂଘ କ୍ଷୋଭ ପ୍ରକାଶ କରିଥିଲା। ଆସନ୍ତା ବିଧାନସଭା ଅଧିବେଶନରେ ପାଚିକା ସହାୟିକା ମାନଙ୍କ ଦରମା ବୃଦ୍ଧି, ୧୦ ମାସ ବଦଳରେ ୧୨ମାସର ମଜୁରି, ଅବସର ପରେ ପେନ୍ସନ୍, ଛଟେଇ ପାଚିକାର ନିଯୁକ୍ତି, ପାଚିକା ସହାୟିକାମାନଙ୍କୁ ଶ୍ରମିକର ମାନ୍ୟତା, ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ସୁବିଧା ପାଚିକା ସହାୟିକାମାନଙ୍କୁ ଦେବା ଆଦି ଦାବିରେ ଆନ୍ଦୋଳନ କରାଯିବ ବୋଲି ସ୍ଥିର ହୋଇଛି। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶାନ୍ତିପ୍ରିୟା ସାହୁ, ଶୁଭାସିନୀ ବେହେରା, ଅପନି ରାଉତ ଓ ଶାନ୍ତିଲତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।


କଣ୍ଠଶିଳ୍ପୀଙ୍କ ଭଜନ ପରିବେଷଣ।

# ଅନ୍ତୁଡ଼ିଶାଳରୁ ସ୍ୱର୍ଗଦ୍ୱାର ଯାଏ...

**ଢେଙ୍କାନାଳ, ୨୫।୬(ରତନ ନାୟାର)**

ଢେଙ୍କାନାଳ ବାଜିଚୌକରେ ଚାଲିଥିବା ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଷଷ୍ଠ ସନ୍ଧ୍ୟାରେ ରବିବାର କଟକ ଝାଞ୍ଜିରମଙ୍ଗଳାସ୍ଥିତ 'ସୁର ସାଗର' ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଛି। ରଶ୍ମିରଞ୍ଜନ ଅନ୍ତୁଡ଼ିଶାଳରୁ ସ୍ୱର୍ଗଦ୍ୱାର ଯାଏ..., ସଞ୍ଜିତା ପାତ୍ର ଭଜିଭଜି ତୋ ଚକାନୟନ..., ମାନି ଦାସ, ପବିତ୍ର କୁମାରଙ୍କ ଜଗନ୍ନାଥ ଭଜନ ଶ୍ରୋତାଙ୍କ ମନ ମୋହିଥିଲା। ରଜତ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କମିଟିର ରୁଦ୍ରାନ୍ତ ଦଳେଇ, ସ୍ୱରୂପାନନ୍ଦ ଦାସ, ସାଗିର ମହମ୍ମଦ୍ ପ୍ରମୁଖ ପରିଚାଳନା କରିଥିଲେ।

# ଦକ୍ଷିଣମୋଡ଼ ହେଲା ଦୁଇରଥ

**ଢେଙ୍କାନାଳ,୨୫।୬(ରତନ ନାୟାର)**

ଢେଙ୍କାନାଳ ସହର ବାଜିଚୌକଠାରେ ରବିବାର ଅପରାହ୍ନରେ ଦୁଇରଥ ଦକ୍ଷିଣମୋଡ ନେଇଛି। ଏକ କ୍ରେନ ସାହାଯ୍ୟରେ ଦୁଇ ରଥକୁ ଦକ୍ଷିଣ ମୋଡ କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ ଶ୍ରୀବଳରାମ ମନ୍ଦିରରୁ ମା' ମହାଲକ୍ଷ୍ମୀ ଏକ ବିମାନରେ ଆସି ପରମ୍ପରା ଅନୁଯାୟୀ ରଥ ଭାଙ୍ଗିଥିଲେ। ମଙ୍ଗଳବାର ଆଡପ ମଣ୍ଡପରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନ ଏବଂ ବୁଧବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ଗୁରୁବାର ରଥରେ ଏକାଦଶୀ ପାଳିତ ହେବ। ଏହି ଅବସରରେ ରଥ ଉପରେ ମହାପ୍ରଭୁ ସୁନାବେଶରେ ଦର୍ଶନ ଦେବେ। ୩୦ ତାରିଖରେ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ। ସନ୍ଧ୍ୟାଦର୍ଶନ ପାଇଁ ଆଡ଼ପ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି।


ରଥକୁ ଦକ୍ଷିଣମୋଡ କରାଯାଉଛି।


ନବନିର୍ବାଚିତ ନାଲ୍‌କୋ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ।

# ନାଲ୍‌କୋ ଟ୍ରକ୍ ମାଲିକ ସଂଘ ନିର୍ବାଚନ

**ବଅଁରପାଳ,୨୫।୬(ଉପେନ୍ଦ୍ର ରାଉତ)**

ବଅଁରପାଳ ବ୍ଲକ କୁଲାଡ଼ କଲ୍ୟାଣ ମଣ୍ଡପଠାରେ ରବିବାର ନାଲ୍‌କୋ ଟ୍ରକ୍ ମାଲିକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ମନୋରଞ୍ଜନ ଜେନା, ସମ୍ପାଦକ ରାଜୀବ ଜେନା, ଉପସଭାପତି ତପନ ସାମନ୍ତ ସିଂ, ସହ ସମ୍ପାଦକ ବିଭୂତି ଭୂଷଣ ଜେନା ଏବଂ କୋଷାଧ୍ୟକ୍ଷ ଭାବେ ମୁକେଶ ଜେନା ନିର୍ବାଚିତ ହୋଇଛନ୍ତି। ମୋଟ୍ ୨୨୭ ଭୋଟରଙ୍କ ମଧ୍ୟରୁ ୨୨୬ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ଉପସଭାପତି ପଦବୀରେ ତପନ କୁମାର ଜେନା ୧୦୧ ଖଣ୍ଡ ଭୋଟ ପାଇଥିବାବେଳେ ତପନ ସାମନ୍ତ ସିଂ ୧୨୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ପଦବୀରେ ବାବୁଲି ସ୍ୱାଇଁ ୧୦୩ ଖଣ୍ଡ ଭୋଟ ପାଇଥିବାବେଳେ ରାଜୀବ ଜେନା ୧୨୦ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ସହସମ୍ପାଦକ ପଦବୀରେ ରାକେଶ କୁମାର ଦେହୁରୀ ୯୯ ଖଣ୍ଡ ଭୋଟ ପାଇଥିବାବେଳେ ବିଭୂତି ଭୂଷଣ ଜେନା ୧୨୭ ଖଣ୍ଡ ପାଇଛନ୍ତି। କୋଷାଧ୍ୟକ୍ଷ ପଦବୀରେ ପ୍ରକାଶ ଜେନା ୧୦୪ ଖଣ୍ଡ ଭୋଟ ପାଇଥିବାବେଳେ ମୁକେଶ ଜେନା ୧୨୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ପ୍ରମୋଦ ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ। ଅଶୋକ ପଟ୍ଟନାୟକ, ପ୍ରସନ୍ନ ବେହେରା, ଶିବରାମ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ନିର୍ବାଚନ କମିଟି ଅଧ୍ୟକ୍ଷ ଶ୍ୱେତବ୍ରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ଜାତୀୟସ୍ତରୀୟ ଉସୁ: ୩ ପ୍ରତିଯୋଗୀ ଚୟନ

**ଅନୁଗୋଳ, ୨୫।୬(ଅମିତ ସାମଲ)**

ଅନୁଗୋଳରେ ଗତ ୯ ତାରିଖରୁ ଦୁଇଦିନ ଧରି ଆୟୋଜିତ ୨୯ତମ ରାଜ୍ୟସ୍ତରୀୟ ଉସୁ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ଜିଲାର ୩ ପ୍ରତିଯୋଗୀ ଜାତୀୟସ୍ତରକୁ ଚୟନ ହୋଇଛନ୍ତି। ସେମାନେ ହେଲେ ଅରୁଣ କୁମାର ନାଏକ, ସତ୍ୟମ୍ ଦାସ, ଶ୍ରାବଣୀ ବେହେରା। ଆସନ୍ତା ଜୁଲାଇ ୧ରେ ମହାରାଷ୍ଟ୍ରର ପୁଣେଠାରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ସମ୍ପୃକ୍ତ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଟିମ୍‌ର କୋଚ୍ ଭାବେ ଅନୁଗୋଳର ଉସୁ ଆସୋସିଏଶନ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ନାଏକ ଚୟନ ହୋଇଛନ୍ତି। କୃତୀ କ୍ରୀଡ଼ାବିତ୍‌ଙ୍କୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଶୁଭେଚ୍ଛା ଜଣାଇଛନ୍ତି।


ଜିଲାପାଳଙ୍କ ଗହଣରେ ଜାତୀୟସ୍ତରକୁ ଚୟନ ହୋଇଥିବା ପ୍ରତିଯୋଗୀ।

# 'ଅର୍ଥନୀତି ସାହିତ୍ୟକୁ ପ୍ରଭାବିତ କରୁଛି'

**ଅନୁଗୋଳ, ୨୫।୬(ଅମିତ ସାମଲ)**

ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲ ପରିସରରେ ଜିଲା ସାହିତ୍ୟ ସଂସଦ ପକ୍ଷରୁ ରବିବାର ପ୍ରଗତିଶୀଳ କବି/ଲେଖକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଅର୍ଥନୀତି ସବୁବେଳେ ସାହିତ୍ୟକୁ ପ୍ରଭାବିତ କରୁଛି। ସାହିତ୍ୟିକମାନେ ଗତାନୁଗତିକ ଧାରାଠାରୁ ଊର୍ଦ୍ଧ୍ୱକୁ ଉଠି ଲେଖନୀ ଚାଳନା କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରାବନ୍ଧିକ ରୁଚିର କୁମାର ପାଣିଗ୍ରାହୀ ନିଜର ପ୍ରବନ୍ଧ 'ଦେଶ ଅର୍ଥନୀତିରେ ମଧ୍ୟଆୟ ବର୍ଗର ଭୂମିକା' ପାଠ କରିଥିଲେ। ସମ୍ପାଦକ ରାଧାକାନ୍ତ ମହାନ୍ତି, ଉପସଭାପତି ଯଦୁମଣି ସାହୁ ଉପସ୍ଥିତ ଥିଲେ। ଡ. ଦଧିବାମନ ପ୍ରଧାନ, ଶଶାଙ୍କ ଶେଖର ବାରିକ, ଗଣପତି ସ୍ୱାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶୈଳେଶ ଚନ୍ଦ୍ର ଦାଶଗୁପ୍ତାଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉପସଭାପତି ଶାନ୍ତନୁ କୁମାର ସର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଆଜିଠୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇଦିନିଆ ଗସ୍ତ

**ଢେଙ୍କାନାଳ,୨୫।୬ (ରତନ ନାୟାର)**

ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାରଠାରୁ ଦୁଇଦିନିଆ ଢେଙ୍କାନାଳ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି ବୋଲି ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି। ସୋମବାର ଅପରାହ୍ନ ୪ଟାରେ କେନ୍ଦ୍ରମନ୍ତ୍ରୀ ଗୁଡ଼ିଆକାଟେଣୀସ୍ଥିତ ଦଶଦେବୀ ପଡ଼ିଆଠାରେ ହିନ୍ଦୋଳ ବିଧାନସଭା କ୍ଷେତ୍ରସ୍ତରୀୟ ଆୟୋଜିତ ସଂଯୁକ୍ତ ମୋର୍ଚ୍ଚା ବୈଠକରେ ଯୋଗଦେବେ। ରାତ୍ର ୮ଟାରେ ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ପୁରାତନ କାର୍ଯ୍ୟକର୍ତ୍ତାଙ୍କ ସହ ଏକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ମଙ୍ଗଳବାର ସକାଳ ୯ଟାରେ କପିଳାସରେ ମହାପ୍ରଭୁ ଚନ୍ଦ୍ରଶେଖରଙ୍କୁ ଦର୍ଶନ କରିବା ପରେ ପ୍ରତ୍ନତତ୍ତ୍ୱ ବିଭାଗର ଉଚ୍ଚ ପଦାଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ପୂର୍ବାହ୍ନ ୧୧ଟା ୩୦ରେ ଗଁଦିଆ ମିନିଷ୍ଟାଡିୟମ୍‌ରେ ଦଳ ତରଫରୁ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ଯୋଗଦେଇ ଜନସଭାକୁ ସମ୍ବୋଧିତ କରିବେ ବୋଲି ଜିଲା ସଭାପତି ନରେଶ ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ଆଇଏମ୍ଏ ଶାଖାର ସଦସ୍ୟଙ୍କ ସମେତ ଅନ୍ୟମାନେ।

# ଗ୍ରାମାଞ୍ଚଳବାସୀଙ୍କୁ ମିଳିବ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

**ଅନୁଗୋଳ, ୨୫।୬(ଅମିତ୍ ସାମଲ)**

ଅନୁଗୋଳ ବ୍ଲକ ବସଲା ପଞ୍ଚାୟତରେ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ଶାଖା ପକ୍ଷରୁ ଗାଁକୁ ଚାଲ ଅଭିଯାନ 'ଆଓ ଗାଁଓ ଚାଲେଁ' ଶୁଭାରମ୍ଭ ହୋଇଛି। ଶାଖା ସଭାପତି ଡା. ତରୁଣ କୁମାର ସାହୁ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ପ୍ରଫୁଲ୍ଲ କୁମାର ସାହୁ, ଡା. ସୋମ୍ୟକାନ୍ତ ବିଶୋଇ, ଡା. ସ୍ମୃତିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ଜନସାଧାରଣ କିପରି ଠିକ୍ ଚିକିତ୍ସା ପରାମର୍ଶ ପାଇପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ମଧୁମେହ, ରକ୍ତଚାପ ରୋଗୀଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଆଇଏମ୍ଏ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସରପଞ୍ଚ ଚନ୍ଦନ କୁମାର ସାହୁ ଏହାର ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ, ସ୍ୱାସ୍ଥ୍ୟକର୍ମୀ, ଏସ୍ଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ।

# ଜାତୀୟ ଶିକ୍ଷାନୀତି ପ୍ରତ୍ୟାହାର ହେଉ

**ଢେଙ୍କାନାଳ,୨୫।୬ (ରତନ ନାୟାର)**

### ଏଆଇଡିଏସ୍ଓ ପକ୍ଷରୁ ଆଲୋଚନାଚକ୍ର

ଏଆଇଡିଏସ୍ଓ ପକ୍ଷରୁ ଢେଙ୍କାନାଳ ଜିଲା ଲେଖକ ସଂସଦ ପରିସରରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଆଇଡିଏସ୍ଓର ଓଡିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଢେଙ୍କାନାଳ ଜିଲା ଇନ୍‌ଚାର୍ଜ ବିନୋଦ ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଧନେଶ୍ୱର ସାହୁ, ଅନ୍ୟତମ ଅତିଥି ଭାବେ ଜିଲା ଓଷ୍ଟା ସମ୍ପାଦକ ବିଭୂତି ସାମଲ, ମୁଖ୍ୟବକ୍ତା ଭାବେ ଏଆଇଡିଏସ୍ଓର କେନ୍ଦ୍ରୀୟ ଅଫିସ ସମ୍ପାଦକ ଶିବାଶିଷ ପ୍ରହରାଜ ଯୋଗ ଦେଇଥିଲେ। ଢେଙ୍କାନାଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ, ଅଧ୍ୟାପକ, ବୁଦ୍ଧିଜୀବୀ ଓ ଅଭିଭାବକମାନେ ମଧ୍ୟ ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ବିରୋଧରେ ଜୁନ୍ ୨୧ରୁ ୨୭ ଯାଏ ଦେଶବ୍ୟାପୀ ପ୍ରତିବାଦ ସପ୍ତାହ ପାଳନ କରାଯିବ। ଶିକ୍ଷାକ୍ଷେତ୍ରରେ ଫି' ବୃଦ୍ଧି ବନ୍ଦ, ଯୁକ୍ତ ୨ ଓ ଯୁକ୍ତ ୩ରେ ସିଟ୍ ବୃଦ୍ଧି, ବନ୍ଦ କରାଯାଇଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲିବା, ଖାଲି ପଡ଼ିଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା ଆଦି ଦାବି କରାଯାଇଥିଲା। କେନ୍ଦ୍ରର ଭାଜପା ସରକାର ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ କରୁଛି ବୋଲି ମତପ୍ରକାଶ ପାଇଥିଲା। ନୂତନ ଶିକ୍ଷାନୀତି ପ୍ରଚଳନ ହେଲେ ବାସ୍ତବରେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ, ଧନ୍ଦାମୁଖୀକରଣ ଓ କେନ୍ଦ୍ରୀକରଣ ପାଇଁ ଉଦ୍ଦିଷ୍ଟ ହେବ। ଏଣୁ ଏହା ବିରୋଧରେ ଦୃଢ଼ ଆନ୍ଦୋଳନ କରିବା ପାଇଁ ସବୁସ୍ତରରେ ଜନସାଧାରଣ ବିଶେଷ କରି ଛାତ୍ର ସମାଜ ସଙ୍ଗଠିତ ହୋଇ ପ୍ରତିବାଦକୁ ଶକ୍ତିଶାଳୀ କରିବା ପାଇଁ ଏଆଇଡିଏସ୍ଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ବିକାଶ ହେଲେ ମହିମାପୀଠର ମହାନତା ବଢ଼ିବ

### ଯୋରନ୍ଦାରେ ସଂସ୍କୃତି ମନ୍ତ୍ରୀ

**ଢେଙ୍କାନାଳ,୨୫।୬ (ରତନ ନାୟାର)**


ଯୋରନ୍ଦାରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର।

ରାଜ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ରବିବାର ସନ୍ଧ୍ୟାରେ ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦା ପରିଦର୍ଶନ କରିଛନ୍ତି। ସେ ଏଠାକାର ବିଭିନ୍ନ ମଠ ମନ୍ଦିର ବୁଲି ଦେଖିବା ସହ ଦୁଇ ଗୋଷ୍ଠୀର ସାଧୁସନ୍ନ୍ୟାସୀଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱ ବିଖ୍ୟାତ ମହିମାଗାଦି ସାଧନାର ପୀଠ। ଏହାର ସୁଖ୍ୟାତି କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ରହିଛି। ମହିମା ଧର୍ମର ସାଧୁସନ୍ଥମାନେ ବିଶ୍ୱ ଏକ ପରିବାର ଭାବନାରେ ଚାଲିଥାନ୍ତି। ମହିମାଗାଦି ଯୋରନ୍ଦାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧୧୨ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ମହିମାପୀଠର ବିକାଶ ହେଲେ ଏହାର ମହାନତା ମଧ ବଢ଼ିବ ବୋଲି ସଂସ୍କୃତି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ରଙ୍କ ସମେତ ଉଭୟ କୌପୀନଧାରୀ ଏବଂ ବଲ୍କଳଧାରୀ ଗୋଷ୍ଠୀର ମହିମା ସାଧୁସନ୍ଥ, ଅନୁଗାମୀ ଉପସ୍ଥିତ ଥିଲେ।

